# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 25th April - 2025

****************************************************

*Desk*

## କେନ୍ଦ୍ର କ୍ୟାବିନେଟ-ଆତଙ୍କବାଦ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ କେନ୍ଦ୍ର କ୍ୟାବିନେଟ୍ କମିଟିର ପଦକ୍ଷେପକୁ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଛନ୍ତି । ଗତକାଲି ସଂସଦ ଭବନରେ ଆୟୋଜିତ ସର୍ବଦଳୀୟ ବୈଠକରେ ଆତଙ୍କବାଦୀ ବିରୋଧୀ ଲଢ଼େଇରେ ଦଳମତ ନିର୍ବିଶେଷରେ ସରକାରଙ୍କ ନିଷ୍ପତ୍ତିକୁ ସବୁ ଦଳ ସମର୍ଥନ ଜଣାଇଛନ୍ତି । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ କହିଛନ୍ତି :

***Voice*** :.........

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ଜମ୍ମୁ-କଶ୍ମୀର ପରିଦର୍ଶନ କରି ସେଠାରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*IPR*

# ପଞ୍ଚାୟତିରାଜ ପୁରସ୍କାର

ବିହାରର ମଧୁବନୀରେ ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜୟୀ ଗ୍ରାମପଞ୍ଚାୟତ ଓ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରିଛନ୍ତି । ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା ବର୍ଗରେ ଓଡ଼ିଶା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ ବର୍ଗରେ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକ୍ ଅନ୍ତର୍ଗତ ହାଟଭଦ୍ରା ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ ପୁରସ୍କାର ମିଳିଛି ।

*Desk*

# ପୋଲିସ୍ - ଭତ୍ତା ବୃଦ୍ଧି

ରାଜ୍ୟ ସରକାର ପୋଲିସ କର୍ମଚାରୀଙ୍କ ବିଭିନ୍ନ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ କନେଷ୍ଟବଲଠାରୁ ଇନ୍‌ସ୍ପେକ୍ଟର ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି । ଇନ୍‌ସ୍ପେକ୍ଟରମାନଙ୍କ ପାଇଁ ପୋଷାକ ଭତ୍ତା ୮ ହଜାର ୬ ଶହ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ସବ୍‌ଇନ୍‌ସ୍ପେକ୍ଟର ଓ ଏ.ଏସ୍.ଆଇ.ଙ୍କ ଭତ୍ତା ବାର୍ଷିକ ୮ ହଜାର ୪ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି କନେଷ୍ଟବଳ, ସିପାହି ଓ ସମାନ ର୍ୟାଙ୍କ୍‌ର କର୍ମଚାରୀମାନଙ୍କପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ

ରାଶିକୁ ସର୍ବାଧିକ ୨୫ ହଜାର ଟଙ୍କା ଓ ହାବିଲ୍‌ଦାର ଏବଂ ସମାନ ର୍‌ୟାଙ୍କ୍‌ର କର୍ମଚାରୀଙ୍କପାଇଁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

***Desk***

# ଅକ୍ଷୟ ଶକ୍ତି

ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ଆଧାରରେ ଦଶମ ଏକକ ବାତାୟନ କମିଟି-ଏସ୍.ଡବ୍ଲୁ.ସି.ର ବୈଠକ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ୧ ହଜାର ୧୯୧ କୋଟି ୪୭ ଲକ୍ଷ ଟଙ୍କାର ୭ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

***BBSR/R***

# ମୁଖ୍ୟମନ୍ତ୍ରୀ - ମୁମ୍ବାଇ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଣ୍ଡିଆ ଷ୍ଟିଲ୍-୨୦୨୫ ସମ୍ମିଳନୀରେ ଯୋଗ ଦେବାପାଇଁ ମୁମ୍ବାଇ ଗସ୍ତରେ ଯାଇଛନ୍ତି । ଏଥିରେ ରାଜ୍ୟରେ ଷ୍ଟିଲ୍ ଉତ୍ପାଦନ ବୃଦ୍ଧି ଏବଂ କଞ୍ଚାମାଲ୍ ଯୋଗାଣ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

# ଶିମିଳିପାଳ

ଶିମିଳିପାଳକୁ ଆନୁଷ୍ଠାନିକ ଭାବେ ଦେଶର ୧୦୭ତମ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଅଧିସୂଚନା ଜାରି କରାଯାଇଛି। ଭିତର କନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବା ଶିମିଳିପାଳ ଅଭୟାରଣ୍ୟ ୮୪୫ ଦଶମିକ ୭/୦ ବର୍ଗକିଲୋମିଟର ଅଂଚଳରେ ପରିବ୍ୟାପ୍ତ । ଏହି ମାନ୍ୟତାଦ୍ୱାରା ପ୍ରାକୃତିତ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିମିଳିପାଳର ସ୍ୱତନ୍ତ୍ର ପରିଚୟ ବିଶ୍ୱରେ ବ୍ୟାପକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

*Desk*

# ଯୋଗାସନ ଚାମ୍ପିୟନସିପ

ଦ୍ୱିତୀୟ ଏସୀୟ ଯୋଗାସନ ଚାମ୍ପିୟନ୍‌ସିପ୍ ଆଜିଠାରୁ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଯୋଗାସନ ଭାରତଦ୍ୱାରା ଆୟୋଜିତ ଏହି ଚାମ୍ପିୟନ୍‌ସିପ୍ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୧ଟି ଏସୀୟ ଦେଶରୁ ୧୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ।

*Desk*

# ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ : ଏଥିନିମନ୍ତେ ପୁନର୍ବିନିଯୋଗ, ପୁନଃ ଚିନ୍ତନ କରିବା' । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃ ମ୍ୟାଲେରିଆ ଜ୍ୱର ହୋଇଥାଏ । ୨୦୩୦ ମସିହା ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମ୍ୟାଲେରିଆ ମୁକ୍ତ କରିବା ପାଇଁ 'ଦମନ' - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜାରି ରହିଛି ।

*Desk*

# ବି.ଏମ୍.ସି.

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୨ ଶହ କୋଟି ଟଙ୍କା ବ୍ୟୟରେ ସାମୟିକ ସହରୀ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ହେବ । ଏନେଇ ବି.ଏମ୍.ସି. ପକ୍ଷରୁ ଗୋଟିଏ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସଂସ୍ଥା ଆସନ୍ତା ୧୮ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବ ବୋଲି ସୂଚନା ମିଳିଛି ।

*Desk*

# କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ନର୍ଥ ଇଷ୍ଟ ୟୁନାଇଟେଡ୍ ୬-୦ ଗୋଲ୍‌ରେ ମହମ୍ମଡାନ୍ ସ୍ପୋର୍ଟିଂକୁ ପରାସ୍ତ କରି କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି । ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଜାମ୍‌ସେଦପୁର ଏଫ୍.ସି. ୨-୦ ଗୋଲ୍‌ରେ ହାଇଦ୍ରାବାଦ ଏଫ୍.ସି.କୁ ପରାସ୍ତ କରିଛି ।

*Desk*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୧୬ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଛି । ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ବୌଦ୍ଧରେ ତାପମାତ୍ରା ୪୪ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୨୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****